ଅର୍ପଣ କରିଥିଲେ ।

16.04.04

# ମାନବିକ ସନନ୍ଦ ଏବଂ ବିପର୍ଯ୍ୟୟ ପ୍ରତିକାରର ମାନଦଣ୍ଡ ଉପରେ ଆଲୋଚନାଚକ୍ର

**ବରୀ :** ନିକଟସ୍ଥ ଚଣ୍ଡିଖୋଲ ଛକ ହୋଟେଲ ମିହ୍-ଇଷ୍ଟରେ 'ପଲ୍ଲୀଶ୍ରୀ' ପକ୍ଷରୁ ସମ୍ପାଦକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ମାନବିକ ସନନ୍ଦ ଏବଂ ବିପର୍ଯ୍ୟୟ ପ୍ରତିକାରର ସର୍ବନିମ୍ନ ମାନଦଣ୍ଡ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବନ୍ୟା, ବାତ୍ୟା ପରି ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ଗୋଷ୍ଠୀର ଦକ୍ଷତା ବୃଦ୍ଧି କରିବା, ଗ୍ରାମ ସ୍ତରରେ ଗୋଷ୍ଠୀ ସୁରକ୍ଷା ଯୋଜନା ପ୍ରସ୍ତୁତ, ଗ୍ରାମ୍ୟ କମିଟି, ବିଭିନ୍ନ କାର୍ଯ୍ୟକାରୀ ଦଳ ଗଠନ ସମେତ ସ୍ୱେଚ୍ଛାସେବୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ତାଲିମର ଆୟୋଜନ, ସେହିପରି ସରକାରୀ କଳ, ପଞ୍ଚାୟତିରାଜ ବ୍ୟବସ୍ଥା ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନର ସୁଯୋଗ ସୃଷ୍ଟି କରାଯାଉଛି ବୋଲି ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି । ଜଳଯୋଗାଣ ଓ ପରିମଳ ସୁଯୋଗ ଖାଦ୍ୟ ସହାୟତା, ବାସଗୃହ, ସ୍ୱାସ୍ଥ୍ୟସେବା ପ୍ରଦାନ ଉପରେ ଆଲୋଚନା କରାଯାଇଥିଲା । ଏଥିରେ ଜିଲ୍ଲା ପ୍ରଶାସନ ଅଧିକାରୀଗଣ, ସାମ୍ବାଦିକ, ଆଇନଜୀବୀ, ସମାଜସେବୀ ପ୍ରମୁଖ ୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଭାଗ ନେଇଥିଲେ । ରଶ୍ମିରେଖା ପ୍ରଧାନ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରିଥିଲେ ।

'ସମ୍ବାଦ'